# Akashvani, Sambalpur

## SAMBALPURI NEWS EVENING BULLETIN

## 19 February 2026-7.02- 7.12 pm.

---

୧- ପ୍ରଯୁକ୍ତି ବିଦ୍ୟାର୍ ଉପଯୋଗ୍ ସମ୍‌କର ଲାଗି ସୁଗମ୍ କର୍‌ବାର୍‌କେ ସବୁ ଦେଶର୍ ଲକ୍ଷ୍ୟ ହେବାର୍ ଦର୍‌କାର- କହେଲେ ପ୍ରଧାନମନ୍ତ୍ରୀ ।

- ଭାରତ ଏଆଇ ଇମ୍ପେକ୍ଟ ସମ୍ମିଳନୀ-୨୦୨୬ର ପୂର୍ଣ୍ଣାଙ୍ଗ ଅଧିବେଶନ୍‌କେ କଲେ ସମ୍ବୋଧନ

୨- ବିଧାନ ସଭା ନ ଉପସ୍ଥାପିତ୍ ହେଲା ଚଲିତ୍ ଆର୍ଥିକ୍ ବଛରର୍ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ: ଅଭିବୃଦ୍ଧି ହାର ୭ ଦଶମିକ୍ ୯ ପ୍ରତିଶତ୍ ରହେବା ବଲି ଆକଲନ୍ ।

-ବିଧାନ ସଭା ନ ଆଏବାକାଏଲ୍ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଆଏଜ୍‌ଠାନୁ ମୁଲ୍ ହେଲା ମେଟ୍ରିକ୍ ପରୀକ୍ଷା ।

ଆଉର୍

୪- ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଆଉ ଅନୁଗୁଳ-ଢେଙ୍କାନାଲକେ ସହରୀ ଅର୍ଥନୈତିକ୍ ଅଂଚଲ୍ ଭାବେ ବିକଶିତ୍ କର୍‌ବାର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏଆଇ ଇମ୍ପେକ୍ଟ ସମ୍ମିଳନୀ-ପ୍ରଧାନମନ୍ତ୍ରୀ ଏନ୍‌ଏସ୍‌ଡି

ପ୍ରଯୁକ୍ତି ବିଦ୍ୟାର୍ ଉପଯୋଗ୍ ସମ୍‌କର ଲାଗି ସୁଗମ୍ କର୍‌ବାର୍‌କେ ସବୁ ଦେଶର୍ ଲକ୍ଷ୍ୟ ହେବାର୍ ଦର୍‌କାର ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଭାରତ ଏଆଇ ଇମ୍ପେକ୍ଟ ସମ୍ମିଳନୀ-୨୦୨୬ର ଗୁଟେ ପୂର୍ଣ୍ଣାଙ୍ଗ ଅଧିବେଶନ୍‌କେ ସମ୍ବୋଧନ କରି କରି ଶ୍ରୀ ମୋଦୀ କହିଛନ୍, କୃତ୍ରିମ ବୁଦ୍ଧିମତା-ଏଆଇକେ ମାନବୀୟ ମୂଲ୍ୟବୋଧ ଆଉ ମାର୍ଗଦର୍ଶନ୍‌ର ଆବଶ୍ୟକତା ରହିଛେ । ଏଆଇ ହଉଛେ ମାନବ୍‌ତାର୍ କଲ୍ୟାଣ ଲାଗି ଗୁଟେ ସହଭାଗୀ ସମ୍ବଲ । ବିଶ୍ୱସ୍ତର୍ ନ ଇ କ୍ଷେତ୍ର ବିକାଶ ଯାତ୍ରାଥି ଭାରତର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ । ଭଗବାନ ବୁଦ୍ଧଙ୍କର ଜୀବନ୍ ଆଦର୍ଶ ବାବଦେ ଉଲ୍ଲେଖ କରି କରି ପ୍ରଧାନମନ୍ତ୍ରୀ କହିଛନ୍, ଗୌତମ ବୁଦ୍ଧ ଜ୍ଞାନ ପାଇଥିବା

ଭୂମି ଇହାଦେ ସାରା ପୁର୍‌ଥିର୍ ଲାଗି ଶାନ୍ତି ଆଉ ଜ୍ଞାନ୍‌ର ଆଲୋକବର୍ତ୍ତିକା ହେଇଛେ । ସଠିକ୍ କାମ୍ ସଠିକ୍ ବୁଝାମଣାନୁ ଆଏସି, ସମିଆଜାନି ଠିକ୍ ଉଦ୍ଦେଶ୍ୟ ଆଉ ଠିକ୍ ନିଷ୍ପତି ଜରିଏ ଏଆଇର୍ ସକାରାତ୍ମକ ପ୍ରଭାବ୍‌କେ ସୁନିଶ୍ଚିତ୍ କରାଯାଇ ପାର୍‌ବା ବଲି ପ୍ରଧାନମନ୍ତ୍ରୀ କହିଛନ୍...
(ଭଏସ୍-ପ୍ରଧାନମନ୍ତ୍ରୀ)

ବିଧାନ ସଭା-ଅର୍ଥନୈତିକ ସର୍ଭେ ଭୁବନେଶ୍ୱର ସମ୍ବାଦଦାତା

ବିଧାନ ସଭା ନ ଆଏଜ୍ ଚଲିତ୍ ଆର୍ଥିକ୍ ବଛ୍‌ରର୍ ରାଜ୍ୟ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ୍ କରାଯାଇଛେ । ଇଥି ରାଜ୍ୟର୍ ପ୍ରକୃତ୍ ଅଭିବୃଦ୍ଧି ହାର ୭ ଦଶମିକ୍ ୯ ପ୍ରତିଶତ୍ ରହେବା ବଲି ଆକଲନ୍ କରାଯାଇଛେ । ଗଲା ଆର୍ଥିକ୍ ବଛର୍‌ନୁ ଇ ବଛର୍ ଅଭିବୃଦ୍ଧି ହାର ଅଏତ୍‌କା ରହେବା । ସର୍ବଭାରତୀୟସ୍ତର୍ ନ ଅଭିବୃଦ୍ଧି ହାର ୭ ଦଶମିକ ୪ ପ୍ରତିଶତନୁ ଭିଲ୍ ଇଟା ଏତ୍‌କା ରହେବା ବଲି ଆକଲନ୍ କରାଯାଇଛେ । ଭିନ୍ ଭିନ୍ କ୍ଷେତ୍ର ନ ବର୍‌କସ୍ ଅଭିବୃଦ୍ଧି ହାର ସଙ୍ଗେ ରାଏଜେ ସରକାରୀ ଆଉ ବେସରକାରୀ କ୍ଷେତ୍ରଥି ପୁଞ୍ଜିନିବେଶ ବଢ଼ିଛେ । ଆଏବା ବଛର୍‌ମାନ୍‌କେ ରାଜ୍ୟର୍ ରାଜ୍ୟର୍

ଅଭିବୃଦ୍ଧି ଅଏତ୍‌କା ତୁର୍‌ତି ହେବା ବଲି ରିପୋର୍ଟଥି କୁହାଯାଇଛେ । ଚଲିତ୍ ଆର୍ଥିକ୍ ବଛ୍‌ରେ ରାଜ୍ୟର୍ ଅର୍ଥନୈତିକ ଆକାର ୯ ଦଶମିକ୍ ୯ ଲାଖ୍ କୋଟି ଟଙ୍କା ହେବା ବଲି ଅନୁମାନ କରାଯାଇଛେ । ଇ ସମିଆଥି ରାଜ୍ୟବାସୀଙ୍କର୍ ମୁଣ୍ଡପିଛା ଆୟ ବଢ଼ିଛେ । କୃଷି ଆଉ ଆନୁଷଙ୍ଗିକ୍ କ୍ଷେତ୍ରଥି ଇ ଆର୍ଥିକ୍ ବଛ୍‌ରେ ଅର୍ଥବ୍ୟବସ୍ଥା ୧୯ ଦଶମିକ୍ ୬ ପ୍ରତିଶତ୍ ରହେବା ବଲି ଅନୁମାନ କରାଯାଇଛେ । ସର୍ବଭାରତୀୟ ସ୍ତର ନ ୧୬ ଦଶମିକ୍ ୮ ପ୍ରତିଶତ୍‌ନୁ ଇଟା ଅଏତ୍‌କା ରହେବା । ଇ ବଛର୍ ଭିଲ୍ ଖାଦ୍ୟ ଶସ୍ୟ ଉତ୍ପାଦନ୍ ବଢ଼ିପାରେ । ଗୁରସ୍ ଆଉ ମାଛ୍ ଉତ୍ପାଦନ୍ ଆଉ ସାମୁଦ୍ରିକ୍ ରପ୍ତାନୀ ଭିଲ୍ ବଢୁଛେ ବଲି ରିପୋର୍ଟଥି ଉଲ୍ଲେଖ କରାଯାଇଛେ । ସୂଚ୍‌ନା ଅନ୍‌ସାରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବାକାଏଲ୍ ବିଧାନସଭା ନ ଆଏବା ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍‌ବେ ।

ବିଧାନ ସଭା-ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସମ୍ବାଦଦାତା

ବିଧାନ ସଭା ବଜେଟ୍ ଅଧିବେଶନ୍‌ଥି ଆଏଜ୍ ଭିଲ୍ ବିରୋଧିଙ୍କର ଜବର୍ କିର୍ଲାଗଗା ଲାଗି ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ଆଏଜ୍ ସଖାଲ୍‌ବେଲା ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାଏର୍ ବିରୋଧି

ବିଜେଡି ଆଉ କଂଗ୍ରେସ ସଦସ୍ୟମାନେ ଧାନ ଘିନା ବ୍ୟବସ୍ଥା ଆଉ ଚାଷୀ ସମସ୍ୟାକେ ନେଇକରି ହୋହଲ୍ଲା କର୍‌ବାର୍‌ନୁ ପ୍ରଶ୍ନକାଳ, ଶୂନ୍ୟକାଳ, ରାଜ୍ୟପାଲ୍‌ଙ୍କର ଅଭିଭାଷଣ ଉପ୍‌ରେ ଧନ୍ୟବାଦ୍ ପ୍ରସ୍ତାବ୍ ବାବ୍‌ଦେ ଭିଲ୍ ଆଲୋଚନା ନାଇ ହେଇପାର୍‌ଲା । ସଖାଲର ୧୦ ବାଜିକରି ୩୫ ମିନିଟ୍‌ନୁ ସାଢ଼େ ୧୧ ବଜେତକ୍, ତାର୍ ଉତ୍‌ରୁ ୪ ବଜେତକ୍ ଗୃହ ମୁଲ୍‌ତବୀ ହେଇଥିଲା । ୪ ବଜେ ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାଏର୍ ଫେର୍ ବିରୋଧି ସଦସ୍ୟମାନେ ହୋହଲ୍ଲା କରିଥିଲେ । ବିରୋଧିଙ୍କର କିର୍ଲାଗଗା ଭିତ୍‌ରେ ସଞ୍ଜବେଲର୍ ୫ ବଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଲ୍‌ଙ୍କର୍ ବଜେଟ୍ ଅଭିଭାଷଣ ଉପ୍‌ରେ ଧନ୍ୟବାଦ୍ ପ୍ରସ୍ତାବ୍‌ର ଉତର ରଖିଛନ୍ । ବିରୋଧି ସଦସ୍ୟମାନ୍‌ଙ୍କର ଗୃହ ନ ଆଚରଣ ଅତି ନୈରାଶ୍ୟଜନକ୍ ଆଏ ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ ସଭା- ମହାନଦୀ ଜଲ୍ ବିବାଦ   ଆଇ.ଆଣ୍ଡ୍.ପି.ଆର

ଓଡ଼ିଶା ଆଉ ଛତିଶଗଡ଼ ଭିତ୍‌ରେ ମହାନଦୀକେ ନେଇକରି ଦେଖାଦେଇଥିବା ଜଲ୍ ବିବାଦ୍ ଲାଗି ଦୁହି ରାଜ୍ୟ ଭିତ୍‌ରେ ଆଲୋଚନା ପ୍ରକ୍ରିୟା ଜାରି ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ବିଧାନ ସଭାନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ସଂସଦୀୟ ବ୍ୟପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍, ମହାନଦୀ ଜଲ୍ ବିବାଦ୍‌ର ଆପୋଷ ସମାଧାନ ଲାଗି ନୂଆଦିଲ୍ଲୀ ନ ମୁଖ୍ୟ ସଚିବ ସ୍ତରେ ୩ଟା ବୈଠକ୍ ଆଉ ୧୧ଟା ଯୁଗ୍ମ ବୈଷୟିକ୍ କମିଟିର୍ ବୈଠକ୍ ହେଇସାରିଛେ । ମାମଲା ଇଛେନ୍‌କା ପ୍ରାଧିକରଣ ପାଖେ ବିଚାରାଧିନ୍ ରହିଛେ । ଦୁହି ରାଜ୍ୟର୍ ସରକାର ସକାରାତ୍ମକ୍ ମନୋଭାବ୍ ରଖିକରି ବିବାଦ୍‌ର ସମାଧାନ୍ କର୍‌ବାର୍ ଲାଗି  ଚେରେଷ୍ଟା କରୁଛନ୍ । ଇଥିର୍‌ଲାଗି ରାଜ୍ୟ ସରକାର ଗୁଟେ ବୈଷୟିକ୍ କମିଟିଗଠନ୍ କରି କରି ଅଧିକାରୀ ସ୍ତର୍‌ଥି ବୈଠକ୍ କରୁଛନ୍ । ସେନ୍ତା ମନ୍ତ୍ରୀସ୍ତରେ ଭିଲ୍ କମିଟି ଗଠନ୍ କରାଯାଇକରି ଛତିଶଗଡ଼ ସରକାରଙ୍କର ସଙ୍ଗେ ଆଲୋଚନା କରୁଛନ୍ ବଲି ଶ୍ରୀ ମହାଲିଙ୍ଗ ଗୃହକେ ସୂଚ୍‌ନା ଦେଇଛନ୍ ।

ବିଧାନ ସଭା-ରାଜସ୍ୱ ଗାଁ ଭୁବନେଶ୍ୱର ସମ୍ବାଦଦାତା

ରାଏଜେ ୧ ହଜାର ଶହେ ୨୩ଟା ପଡ଼ା ଗାଁକେ ରାଜସ୍ୱ ଗାଁ ମାଏନ୍‌ତା ଦେବାର୍ ପ୍ରସ୍ତାବ୍ ଜିଲ୍ଲାପାଲମାନ୍‌କର ପାଖେ ବିଚାରାଧିନ୍ ରହିଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ବିଧାନ ସଭା ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କର୍ ଗୁଟେ ପ୍ରଶ୍ନର୍ ଉତରଥି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ରାଏଜେ ଏବ୍‌ତକ୍ ୫ ହଜାର ୫ ଶହ ୭୬ଟା ପଡ଼ା ଗାଁ ଭିତ୍‌ରୁ ୧ ହଜାର ୯ ଶହ ୫୧ଟି ପଡ଼ା ଗାଁକେ ରାଜସ୍ୱ ଗାଁର୍ ମାଏନ୍‌ତା ଦିଆଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କର୍ ପାଖେ ୨ ହଜାର ୫ ଶହ ୨ଟା ପଡ଼ା ଗାଁକେ ରାଜସ୍ୱ ଗାଁ ଘୋଷଣା ଲାଗି ପ୍ରସ୍ତାବ ଆସିଥିଲା । ମାତର୍‌କ ସେ ଗାଁ ସବୁ ରାଜସ୍ୱ ଗାଁ ହେବାର୍ ଲାଗି ମାନଦଣ୍ଡ ପୂରା ନାଇ କରୁଥିବାରୁ ପ୍ରସ୍ତାବ୍ ଖାରଜ୍ ହେଇଥିଲା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ସଦସ୍ୟ ମାନ୍‌କର ଭିନ୍ ଭିନ୍ ପ୍ରଶ୍ନର ଉତରଥି ରାଜସ୍ୱ ମନ୍ତ୍ରୀ କହିଛନ୍, ନୂଆ ଜିଲ୍ଲା ଗଠନ୍ ଲାଗି ସରକାରଙ୍କର୍ ପାଖେ ୩୧ଟା ପ୍ରସ୍ତାବ୍ ଆସିଛେ । ନୂଆ ସବ୍‌ଡିଭିଜନ୍ ଗଠନ୍ ଲାଗି

୬୬ଟା ପ୍ରସ୍ତାବ୍ ଆସିଛେ । ସରକାର ସବୁ ପ୍ରସ୍ତାବ୍ ଉବପ୍‌ରେ ବିଚାର୍ କରୁଛନ୍ । ଠିକ୍ ସମିଆଥି ଇ ଦିଗେ ପଦକ୍ଷେପ ନିଆଯିବା ବଲି ରାଜସ୍ୱ ମନ୍ତ୍ରୀ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି ସୂଚ୍‌ନା ଦେଇଛନ୍ ।

ବିଧାନ ସଭା-ରାଉରକେଲା ବିମାନବନ୍ଦର/ଭୁବନେଶ୍ୱର ସମ୍ବାଦଦାତା

ଷ୍ଟିଲ୍ ଅର୍ଥରିଟି ଅଫ୍ ଇଣ୍ଡିଆ-ସେଲ୍ ଅଧିନ୍‌ଥି ଥିବା ରାଉରକେଲା ବିମାନ ବନ୍ଦର୍‌କେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ-ଏଏଆଇକେ ହସ୍ତାନ୍ତର କର୍‌ବାର ଲାଗି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ୍ କରିଛନ୍ ବଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଆଏଜ୍ ବିଧାନ ସଭାନ ଗୁଟେ ପ୍ରଶ୍ନର ଉତରଥି କହିଛନ୍ । ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ରାଉରକେଲା ବିମାନ ବନ୍ଦରକେ ଏୟାର୍ ବସ୍ ଆଉ ବୋଇଂ-୭୩୭ ବାଗିର୍ ବଡ଼ ବିମାନ ଚଲାଚଲ୍ କର୍‌ବାରେ ଲାଗି ଯୋଗ୍ୟ ବନାବାର୍‌କେ ଏଏଆଇ ତର୍‌ଫୁ ପ୍ରି ଫିଜିଭିଲିଟି ଅଧ୍ୟୟନ୍ କରାଯାଇଛେ । ଇଥିର୍ ଲାଗି ୩ ଶହ ୭୫ ଏକଡ଼୍‌ନୁ ଅଏତ୍‌କା ଅତିରିକ୍ତ ଜମି

ଦରକାର ପଡୁଛେ । ଲିଜ୍ ଜମି ହସ୍ତାନ୍ତର ପ୍ରକ୍ରିୟା ସୁନ୍ଦରଗଡ଼ ଜିଲ୍ଲାପାଲଙ୍କ ଜରିଏ ମୁଲ୍ କରାଯାଇଛେ । ସର୍ବେକ୍ଷଣ ଆଧାର୍‌ଥି ଆଏବା ଦିନେ ଜମି ଅଧିଗହଣ କରାଯିବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ମେଟ୍ରିକ୍ ପରୀକ୍ଷା ଆଇ.ଆଣ୍ଡ୍.ପି.ଆର

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ୍-ବୋର୍ଡ ତର୍‌ଫୁ ରାଏଜେ ଆଏଜ୍ ବାର୍ଷିକ୍ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ମୁଲ୍ ହେଇଛେ । ପରୀକ୍ଷା ଆଏବା ମାସର୍ ୨ ତାରିଖ୍‌ତକ୍ ଚାଲ୍‌ବା । ପରୀକ୍ଷାର୍ ପହେଲା ଦିନେ ଆଏଜ୍ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍‌ର ଆୟୁକ୍ତ ଆଉ ଶାସନ ସଚିବ ଡାକ୍ତର ଏନ୍. ତିରୁମାଲା ନାୟକ୍ ଭୁବନେଶ୍ୱରର ଭିନ୍ ଭିନ୍ ପରୀକ୍ଷା କେନ୍ଦ୍ର ପରିଦର୍ଶନ୍ କରିକରି ପରୀକ୍ଷା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । କଟକ ବୋର୍ଡ ମୁଖ୍ୟାଲୟ ନ କରାଯାଇଥିବା ନିୟନ୍ତ୍ରଣ କକ୍ଷକେ ଯାଇକରି ଭିଲ୍ ଥିତି ଯାଂଚ୍ କରିଛନ୍ ।

ଇ ବଛର୍ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଉ ମଧ୍ୟମା ଶିକ୍ଷାକେ ମିଶେଇକରି ରାଏଜେ ନ ୫ ଲାଖ୍ ୬୧ ହଜାର୍ ୯ ଶହ ୭୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ । ୩ ହଜାର୍ ୮୨ ଟା କେନ୍ଦ୍ର ନ ସକାଲର୍ ୯ ବଜେନୁ ସାଢ଼େ ୧୧ ବଜେତକ୍ ପରୀକ୍ଷା ହେଉଛେ । ୩ ଶହ ୨୨ ଟା ନୋଡ଼ାଲ୍ କେନ୍ଦ୍ର ନ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ପ୍ରଶ୍ନପତ୍ର ରଖାୟାଇଛେ । ପରୀକ୍ଷା ଲାଗି ଜିଲ୍ଲାସ୍ତରୀୟ ଫ୍ଲାଇଂ ସ୍କ୍ୱାଡ୍ ଆଉ ୩୭ଟା ଟି.ବି.ଏସ୍.ଇ ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ୍ ଅଛନ୍ ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆୟାଇଛେ ।

ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି ପିଆଇବି

ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଆଉ ଅନୁଗୁଳ-ଢେଙ୍କାନାଲକେ ଅଲଗ୍ ଅଲଗ୍ ସହରୀ ଅର୍ଥନୈତିକ୍ ଅଂଚଲ୍ ଭାବେ ବିକଶିତ୍ କର୍‌ବାର ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଏଜ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଚିଠି ଲେଖିକରି ଅନୁରୋଧ କରିଛନ୍ । ରାଜ୍ୟର୍ ସନ୍ତୁଲିତ୍ ଆର୍ଥିକ୍ ବିକାଶ୍‌କେ ତ୍ୱରିତ କର୍‌ବାର ଲାଗି ସରକାର ରାଜ୍ୟର୍

ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ୍ କ୍ଷେତ୍ର ମଡେଲ୍‌ଥି ଇ ଦୁହି ଅର୍ଥନୈତିକ୍ କ୍ଷେତ୍ରକେ ସାମିଲ୍ କର୍‌ବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଚିଠିଥି ଉଲ୍ଲେଖ୍ କରିଛନ୍ । ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଆଉ ଅନୁଗୁଳ-ଢେଙ୍କାନାଲ କ୍ଲଷ୍ଟର୍ ରାଜ୍ୟର୍ ମୋଟ୍ ଘରୋଇ ଉତ୍ପାଦଥି ୨୬ ପ୍ରତିଶତ୍‌ନୁ ଅଏତ୍‌କା ଯୋଗ୍‌ଦାନ ରହୁଛେ । ଇନ ପୁଞ୍ଜିନିବେଶ୍ ଲାଗି ବହୁତ୍‌ଟେ ସୁଯୋଗ୍ ରହିଛେ । ହେଥିର୍ ଲାଗି ଇ ଅଂଚଲ୍‌କେ ଭିଲ୍ ସିଟି ଇକୋନୋମିକ୍ ରିଜିଅନ୍‌ଥି ସାମିଲ୍ କରି କରି ବିକଶିତ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ୍ କରିଛନ୍ ।

ଅପରେସନ୍ ସାଇବର୍ କବଚ୍        ଆଇ.ଆଣ୍ଡ୍.ପି.ଆର

ଓଡ଼ିଶା ପୁଲିସର ଅପରେସନ୍ ସାଇବର୍ କବଚ୍ ଅଭିଯାନ୍‌ଥି ପଶ୍ଚିମ ଓଡ଼ିଶର୍ ଭିନ୍ ଭିନ୍ ଜିଲ୍ଲା ନ ସାଇବର୍ ଅପରାଧିଙ୍କର୍ ପର୍ଦ୍ଦାଫାଶ୍ କରାଯାଇଛେ । ସାଇବର୍ ସେଲ୍, କ୍ରାଇମବ୍ରାଂଚ୍ ଆଉ ସମ୍ବଲପୁର ଜିଲ୍ଲା ପୁଲିସ ୩ ଶହନୁ ଅଏତ୍‌କା ସନ୍ଦିଗ୍ଧ

ବେନାମୀ ବେଙ୍କ୍ ଏକାଉଂଟ ଯାଂଚ୍ କରିଛେ । ସେଥିର୍ ଭିତ୍ରୁ ଶହେ ୪୦ଟା ବେଙ୍କ୍ ଏକାଉଂଟ ଶହେ ୧୦ କୋଟି ୩ ଲାକ୍ନୁ ଅଏତ୍କା ଟଙ୍କା କାର୍ବାର୍ ହେଇଥିବା ପ୍ରାଥମିକ୍ ତଦନ୍ତନୁ ଜନାପଡ଼ିଛେ । ଘଟ୍ନାଥି ପୁଲିସ ୨୦ ଝନ୍ଙ୍କୁ ଗିରଫ୍ କରିଥିବାର୍ ବେଲେ ୩୨ ଝନ୍ଙ୍କୁ ନୋଟିସ୍ ଜାରି କରିଛେ । ସେନ୍ତା ରାଉରକେଲା ପୁଲିସ ଜିଲ୍ଲାର ବନ୍ଧମୁଣ୍ଡା ଥାନା ଇଲାକାନୁ ଆନ୍ତଃରାଜ୍ୟ କ୍ରିକେଟ୍ ବେଟଂ ସିଣ୍ଡିକେଟ୍ର ପର୍ଦ୍ଦାଫାଶ୍ କର୍ବାର୍ ସହେତେ ୬ ଝନକୁ ଗିରଫ୍ କରିଛେ । ସେମାନ୍କର ଠାନୁ ୩୦ ଲାଖ୍ନୁ ଅଏତ୍କା ଟଙ୍କା ଆଉ ଭିନ୍ ଭିନ୍ ଦରବ୍ ଜବତ୍ କରାଯାଇଛେ । ଝାରସୁଗୁଡ଼ା ପୁଲିସ ତର୍ଫୁ ଭିଲ୍ ସଂଗଠିତ୍ ସାଇବର ସିଣ୍ଡିକେଟ୍ର ପର୍ଦ୍ଦାଫାଶ୍ କରାଯାଇକରି ୧୫ ଝନ୍ଙ୍କୁ ଗିରଫ କରାଯାଇଛେ । ଅଭିଯୁକ୍ତମାନେ ବେଆଇନ୍ ଏକାଉଂଟ ଜରିଏ ୫ କୋଟିନୁ ଅଏତ୍କା ଟଙ୍କାର୍ କାରବାର କରିଥିବା ଜନାପଡ଼ିଛେ । କଲାହାଣ୍ଡି ଜିଲ୍ଲା ନ ୧୬ଟା ଏକାଉଂଟ, ବୌଦ୍ଧ ନ ୬ଟା, ସୁବର୍ଣ୍ଣପୁର ଜିଲ୍ଲା ନ ୧୯ଟା ଆଉ ବରଗଡ଼ ଜିଲ୍ଲା ନ ୧୨ଟା ଏକାଉଂଟ ଯାଂଚ୍ କରାଯାଇକରି ବହୁତ୍ ଲୁକ୍ଙ୍କୁ ଗିରଫ୍ କରାଯିବାର୍ ସହେତେ ନୋଟିସ୍ କରାଯାଇଛେ ।

ନିଯୁକ୍ତି ମେଳା		ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ନିୟୋଜନ କାର୍ଯ୍ୟାଳୟ ତର୍‌ଫୁ ଆଏଜ୍ ସହରର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ନିଯୁକ୍ତି ମେଳା ହେଇଯାଇଛେ । ମେଳାଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ଘରୋଇ ସଂସ୍ଥା ଯୋଗ୍ ଦେଇକରି ଯୁଆନ୍ ପିଲାଟୁକେଲ୍‌ମାନ୍‌ଙ୍କୁ ସିଧାସଲଖ୍ ନିଯୁକ୍ତି ଦେବାର୍ ସହେତେ ନିଯୁକ୍ତି ଭିତିକ୍ ତାଲିମ୍ ଦେବାର୍‌କେ ବାଛିଛନ୍ ।